# NATIONAL NEWS BULLETIN (ODIA)
## 20 June - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପି.ଏମ୍. କିଶାନ୍ ଯୋଜନାର ୨୩ତମ କିସ୍ତି ଅର୍ଥ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

– ୯ କୋଟି ୪୪ ଲକ୍ଷରୁ ଅଧିକ ଚାଷୀଙ୍କୁ ମିଳିଲା ୧୮ ହଜାର ୮୮୦ କୋଟି ଟଙ୍କାର ଅର୍ଥରାଶି ।

- ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ୪୭ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ବାର୍ଦ୍ଧକ୍ୟରେ ସୁସ୍ଥତା ପାଇଁ ଯୋଗ ପ୍ରସଙ୍ଗ ଆଧାରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଆନ୍ତର୍ଜାତିକ ଯୋଗଦିବସ ।
- ନିଟ୍-ୟୁଜି ପୁନଃ ପରୀକ୍ଷା ଆସନ୍ତାକାଲି ।

– ପରୀକ୍ଷା ଦେବେ ୨୨ ଲକ୍ଷ ୭୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ।

ଏବଂ

- ଚେନ୍ନାଇ ଦିନିକିଆ ଏକଦିବସ କ୍ରିକେଟ୍ ମ୍ୟାଚ୍‌ରେ ୨୧୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତର ବ୍ୟାଟିଂ ଜାରି ।

## ପିଏମ୍-ବେଙ୍ଗଲ

ପଶ୍ଚିମବଙ୍ଗ ହୁଗଲି ଜିଲ୍ଲାର ତାରକେଶ୍ୱରଠାରେ ଆଜି ଆୟୋଜିତ ପଶ୍ଚିମବଙ୍ଗ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ପି.ଏମ୍. କିଶାନ୍ ଯୋଜନାର ୨୩ତମ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି । ଏ ବାବଦରେ ଦେଶର ୯ କୋଟି ୪୪ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୮ ହଜାର ୮୮୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଶ୍ରୀ ମୋଦୀ ସେଠାରେ ରେଳ, କୃଷି, ଗ୍ରାମୀଣ ବିକାଶ, ମତ୍ସ୍ୟ ଓ ପଶୁପାଳନ ଆଦି କ୍ଷେତ୍ରରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ପଶ୍ଚିମବଙ୍ଗଳାର ବିକାଶ ପାଇଁ ଦ୍ରୁତଗତିରେ କାର୍ଯ୍ୟ ଆଗେଇ ଚାଲିଛି । ପଶ୍ଚିମବଙ୍ଗ ଦିବସ ପାଳନ ରାଜ୍ୟର ବିକାଶକୁ ଅଧିକ ଉତ୍ସାହ ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

# ଶାହା-କୋହ୍ଲାପୁର

ସ୍ୱରାଷ୍ଟ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ଐତିହାସିକ ସ୍ଥଳୀଗୁଡ଼ିକର ବିକାଶ ଓ ସଂରକ୍ଷଣ ପାଇଁ ଦେଶ ବ୍ୟାପି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । କୋହ୍ଲାପୁରଠାରେ ଆଜି ୧ହଜାର ୪୪୫ କୋଟିରୁ ଅଧିକ ମୂଲ୍ୟର ଶ୍ରୀ ଅମ୍ବାବାଇ ମନ୍ଦିର ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ଏହି ବିକାଶ ପ୍ରକଳ୍ପ ଶ୍ରୀ ଅମ୍ବାବାଇ ମନ୍ଦିର ପରିସରକୁ ଏକ ଆଧୁନିକ ତୀର୍ଥ ସ୍ଥଳୀରେ ପରିଣତ କରିବ । ଏହାର ଐତିହାସିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ସଂରକ୍ଷଣ ହୋଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ବିକାଶ, ସାଂସ୍କୃତିକ ପୁନରୁଦ୍ଧାର, ଜାତୀୟ ସୁରକ୍ଷା ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇଛି ।

# ଯୋଗ

ଆନ୍ତର୍ଜାତିକ ଯୋଗ ଦିବସ ୨୦୨୬ ଆସନ୍ତାକାଲି ପାଳନ କରାଯିବ । 'ବାର୍ଦ୍ଧକ୍ୟରେ ସୁସ୍ଥତା ପାଇଁ ଯୋଗ' ପ୍ରସଙ୍ଗ ଆଧାରରେ ଏହି ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ । ବିଭିନ୍ନ ବର୍ଗର

ଲୋକଙ୍କ ପାଇଁ ଯୋଗର ଆବଶ୍ୟକତା ଉପରେ ଏହି ପ୍ରସଙ୍ଗ ଗୁରୁତ୍ୱ ପ୍ରଦାନ କରୁଛି ।

କୋଲକାତାର ଐତିହାସିକ ରେଡ୍ ରୋଡ଼ଠାରେ ମୁଖ୍ୟ ଜାତୀୟ ସମାରୋହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ । ଏହି ସମାରୋହ ସକାଳ ୫ଟାରୁ ଆରମ୍ଭ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । କାର୍ଯ୍ୟକ୍ରମରେ ଦେଶ ତଥା ବିଦେଶରୁ ବହୁ ନାଗରୀକ ଆଭାସୀ ମାଧ୍ୟମରେ ଯୋଗଦେବାର ସମ୍ଭାବନା ରହିଛି । ଯୋଗଦିବସ ପାଳନର ଅଂଶସ୍ୱରୂପ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଉଛି । ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଐତିହାସିକ ସ୍ଥାନ ଏବଂ ଯୋଗ ପରମ୍ପରାକୁ ଏହା ସଂଯୋଗ କରିବ ।

ନୂଆଦିଲ୍ଲୀର ଲାଲକିଲ୍ଲା, ଉତ୍ତରାଖଣ୍ଡର ହରିଦ୍ୱାର, ଓଡ଼ିଶାର କୋଣାର୍କ, କର୍ଣ୍ଣାଟକର ହାମ୍ପି, ତାମିଲନାଡୁର ମହାବଳିପୁରମ୍, ମହାରାଷ୍ଟ୍ରର ମୁମ୍ବାଇ, ବିହାରର ନାଳନ୍ଦା, ଗୁଜରାଟର ଅହମ୍ମଦାବାଦ, ଉତ୍ତରପ୍ରଦେଶର ସାରନାଥ, ଲଦାଖର ଲେହ, ତେଲଙ୍ଗାନାର ହାଇଦ୍ରାବାଦ୍ ଏବଂ ଆସାମର ସିଲଚର୍ ସମେତ ୧୨ଟି ପ୍ରମୁଖ ସ୍ଥାନରେ ଏହି ସମାରୋହ ଆୟୋଜନ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦେଶରେ ଥିବା ୨୧୦ରୁ ଅଧିକ ଭାରତୀୟ ମିଶନ୍ ବିଶ୍ୱବ୍ୟାପି ଅଢ଼େଇହଜାର ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଏହା ବ୍ୟତୀତ ଦିଲ୍ଲୀ ତଥା ଦେଶର ବିଭିନ୍ନ

ପ୍ରାନ୍ତରେ ସାର୍ବଜନୀନ ସ୍ଥାନଗୁଡ଼ିକରେ ଯୋଗ ଉତ୍ସବ ଆୟୋଜନ କରାଯାଉଛି ।

## ଏନ୍‌ଟିଏ-ମକ୍‌ଡ୍ରିଲ

ନିଟ୍-ୟୁଜି ପୁନଃ ପରୀକ୍ଷା ଆସନ୍ତାକାଲି ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଦେଇଥିବା ସୂଚନା ଅନୁଯାୟୀ ପରୀକ୍ଷା ଅପରାହ୍ଣ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ୨୨ଲକ୍ଷ ୭୯ହଜାରରୁ ଅଧିକ ଛାତ୍ରଛାତ୍ରୀ ଆସନ୍ତାକାଲି ଏହି ପରୀକ୍ଷା ଦେବେ । ପରୀକ୍ଷାର ସୁପରିଚାଳନା ଲକ୍ଷ୍ୟ ନେଇ ଆଜି ଦେଶ ବ୍ୟାପି ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି ।

## ହେଲ୍‌ଥ-ଏଫ୍‌ଡିସି

ମଣିଷ ବ୍ୟବହାର ଯୋଗ୍ୟ ୧୬ଟି ନିର୍ଦ୍ଧାରିତ ଡୋଜ୍ ମିଶ୍ରଣ – ଏଫ୍.ଡି.ସି. ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବଣ୍ଟନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି । ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ଆଧାରରେ ଔଷଧ ବୈଷୟିକ ପରାମର୍ଶ ବୋର୍ଡ଼ ଦ୍ୱାରା ଗଠିତ ଏକ ବିଶେଷଜ୍ଞ କମିଟି ନିଷ୍ପତ୍ତି

ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଔଷଧ ମିଶ୍ରଣର ଚିକିତ୍ସାଗତ ଯଥାର୍ଥତା ନ ଥିବା ଏବଂ ସ୍ୱାସ୍ଥ୍ୟ ପାଇଁ ଏହା ବିପଦ୍‌ଜନକ ବୋଲି ଜଣାପଡ଼ିବା ପରେ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦେଶରେ ନିରାପଦ, ପ୍ରଭାବଶାଳୀ ଓ ବୈଜ୍ଞାନିକ ଭାବରେ ବୈଧ ଔଷଧ ଉପଲବ୍ଧକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଔଷଧ ନିୟାମକ ଏବଂ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ସିକ୍କିମ୍-କୈଳାସ ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରା ୨୦୨୬ର ପ୍ରଥମ ବ୍ୟାଚ୍‌ର ଶ୍ରଦ୍ଧାଳୁ ଆଜି ନାଥୁଲା ପାସ୍ ଅତିକ୍ରମ କରି ଚୀନ୍ ମଧ୍ୟକୁ ପ୍ରବେଶ କରିଛନ୍ତି । ସିକ୍କିମ୍‌ର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର୍ ପର୍ଯ୍ୟଟନ ମନ୍ତ୍ରୀ ସେରିଂ ଥେନ୍ଦୁପ୍ ଭୁଟିଆଙ୍କ ଉପସ୍ଥିତିରେ ପତାକା ଦେଖାଇ ଶ୍ରଦ୍ଧାଳୁଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨ ଜଣ ଜନସମ୍ପର୍କ ଅଧିକାରୀ ଓ ଜଣେ ଡାକ୍ତର, ୪ ଜଣ ସହକାରୀ କର୍ମୀଙ୍କ ସମେତ ମୋଟ୍ ୪୭ ଜଣ ଚୀନ୍ ଦେଇ ମାନସରୋବର ଅଭିମୁଖେ ଅଗ୍ରସର ହେଉଛନ୍ତି । ସେମାନେ ଆଜି ସୁଦ୍ଧା ଗ୍ୟାଙ୍ଗ୍‌ଜେରେ ପହଞ୍ଚିବେ । ସେମାନେ ଆସନ୍ତା ୨୭ ତାରିଖ ଦିନ

ମାନସରୋବର ପରିକ୍ରମା ପରେ ଆସନ୍ତା ମାସ ପ୍ରତ୍ୟାବର୍ତ୍ତନ କରି ଗ୍ୟାଙ୍ଗଟକ୍‌ରେ ପହଞ୍ଚିବେ ।

## ଆନ୍ଧ୍ର-କେ ରାମମୋହନ ନାଇଡୁ

ରାଜ୍ୟସ୍ୱ ବିଭାଗ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ଗରିବ ଓ ସାଧାରଣ ନାଗରୀକଙ୍କୁ ସରକାରୀ ଯୋଜନାର ସୁଫଳ ତଥା ସେବା ପ୍ରଦାନ କରିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି । ଶ୍ରୀକାକୁଲମ୍‌ଠାରେ ରାଜସ୍ୱ ଦିବସ ସମାରୋହକୁ ଆଜି ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ନାଇଡୁ ରାଜସ୍ୱ କର୍ମଚାରୀ ଭୂ-ପ୍ରଶାସନ, ବିପର୍ଯ୍ୟାୟ ପରିଚାଳନା ଏବଂ ସାଧାରଣ ସେବା ପ୍ରଦାନରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ଜମି ବିବାଦ ସମାଧାନ କରିବା କ୍ଷେତ୍ରରେ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବାକୁ ରାଜସ୍ୱ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ନାଇଡୁ ପରାମର୍ଶ ଦେଇଛନ୍ତି ।

# ବଲିଭିଆ ଏମର୍ଜେନ୍ସି

ବଲିଭିଆରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଛି । ଦେଶ ବ୍ୟାପି ବୃଦ୍ଧି ପାଉଥିବା ଆର୍ଥିକ ଆବଶ୍ୟକତା ପରିପ୍ରେକ୍ଷୀରେ ସପ୍ତାହେ ବ୍ୟାପି ଚାଲିଥିବା ସରକାରୀ ବିରୋଧି ପ୍ରତିବାଦକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ରୋଡ୍ରିଗୋ ପାଜ୍ ଏହି ଘୋଷଣା କରିଛନ୍ତି । ଦେଶବାସୀଙ୍କୁ ସମ୍ବୋଧନ କରି ରାଷ୍ଟ୍ରପତି ପାଜ୍ ବନ୍ଦ ରହିଥିବା ସଡ଼କପଥଗୁଡ଼ିକୁ ପୁନଃ ଚାଲୁ କରିବା ଏବଂ ଦେଶରେ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାସୃଷ୍ଟି କରିବା ନେଇ ରାସ୍ତା ଅବରୋଧ ଏଣିକି ମୁକ୍ତ ରହିବ । ସେଠାକାର କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୫୦ ଦିନ ଧରି ଏଭଳି ଅବରୋଧ ଜାରି ରହିଥିଲା ।

# କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଭାରତ-ଆଫ୍‌ଗାନିସ୍ତାନ ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ତଥା ଶେଷ ପୁରୁଷବର୍ଗ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆଫ୍‌ଗାନିସ୍ତାନ ୪୪ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୧୮ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ହସ୍‌ମାତୁଲ୍ଲା ସାହିଦି

୧୦୨ରନ୍‌ର ଶତକୀୟ ପାଳି ଖେଳିଥିଲେ । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୫ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ୨୧୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତାବ ହେବା ବେଳକୁ ଭାରତ ୧୭ ଓଭରରେ କୌଣସି ଓ୍ୱିକେଟ୍ ନ ହରାଇ ୧୨୮ ରନ୍ ସଂଗ୍ରହ କରିଛି । ଏହି ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି ।